## ଶୁଦ୍ଧିକ୍ରିୟାରୁ ଫେରିବା ପରେ ପରିବାରରୁ ୫ ଆକ୍ରାନ୍ତ ଚିହ୍ନଟ

**ସାଲେପୁର,(ଡି.ଏନ୍.ଏ.):** ଜଣେ ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଯାଇଥିଲେ ପରିବାର ଲୋକେ। ଫେରିବା ପରେ ୫ ସଦସ୍ୟ ପଜିଟିଭ ଚିହ୍ନଟ ହୋଇଛନ୍ତି। ସାଲେପୁର ବ୍ଲକରେ ଏଭଳି ଘଟଣା ଦେଖିବାକୁ ମିଳିଛି। ପରିବାରର ଆକ୍ରାନ୍ତଙ୍କ ମଧ୍ୟରୁ ୭୧ ବର୍ଷୀୟ ବୃଦ୍ଧଙ୍କୁ କରୋନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ୪ ଜଣ ଗୃହ ସଙ୍ଗରୋଧରେ ରହିଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।



### ସଂକ୍ଷେପରେ

## ଦାଦାବଟି ମାଗି ଯୁବକ ଗିରଫ

**କଟକ ଅଫିସ, ୧୦।୬:** ଦାଦାବଟି ମାଗିବା ଅଭିଯୋଗରେ ଲାଲବାଗ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲଣ କରିଛି। ସେ ହେଲେ ଦିୱାନବଜାର ଅଞ୍ଚଳର ଦିଲନୱାଜ ଖାନ୍। ସେ ଦୁର୍ଦ୍ଦାନ୍ତ ଅଭିଯୁକ୍ତ ସକିଲଙ୍କ ସହଯୋଗୀ। ତାଙ୍କ ନାଁରେ ବିଭିନ୍ନ ଥାନାରେ ଦାଦାବଟି ଆଦାୟ, ଆପରାଧିକ ଷଡଯନ୍ତ୍ର ସମେତ ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ ମାମଲା ରହିଛି ବୋଲି ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି। ଦିଲନୱାଜ ସ୍ଥାନୀୟ ଅଞ୍ଚଳର ସଇଦ୍ ଶେଖାୱତ ଅଲ୍ଲୀଙ୍କୁ ୫୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ଟଙ୍କା ନ ଦେଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ସଇଦ୍ ଲାଲବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୬୮/୨୧) ରୁଜୁ କରିଥିଲା।

## ଏସ୍‌ସିବି ମେଡିକାଲ କର୍ମଚାରୀଙ୍କ ପରଲୋକ

**କଟକ ଅଫିସ, ୧୦।୬:** ଏସ୍‌ସିବି ମେଡିକାଲ କର୍ମଚାରୀ ପ୍ରକାଶ ଚନ୍ଦ୍ର ସେନାପତି(୪୯)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଏସ୍‌ସିବି କୋଭିଡ୍ ହସ୍ପିଟାଲର ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସତୀଚଉରାସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେନାପତିଙ୍କ ମୃତ୍ୟୁରେ ଏସ୍‌ସିବି ମେଡିକାଲ କର୍ମଚାରୀ ସଂଘ ସମ୍ପାଦକ ପ୍ରସନ୍ନ ସାମଲ, ଯୁଗ୍ମ ସମ୍ପାଦକ ରବି ଦେହୁରୀ, ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ସନ୍ତୋଷ ନାୟକ, ରାଜକିଶୋର ବାରିକ, ସୁଚିତ୍ରା ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## କୋଭିଡ୍ କିଟ୍ ବାଣ୍ଟି ସଚେତନ କଲେ ବିଧାୟକ

**କଟକ ଅଫିସ, ୧୦।୬:** କଟକ ମହାନଗର ନିଗମ(ସିଏମ୍‌ସି) ଅନ୍ତର୍ଗତ ୨୦, ୨୨ ଓ ୨୩ ନମ୍ବର ୱାର୍ଡ ଅଞ୍ଚଳରେ ଲୋକମାନଙ୍କୁ ବିଧାୟକ ଇଂ. ମହମ୍ମଦ ମୋକିମ ମାସ୍କ, ସାନିଟାଇଜର ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ନିଜକୁ ସୁରକ୍ଷିତ ରଖିବା ସହ ଅନ୍ୟକୁ ସୁରକ୍ଷା ଓ ସହଯୋଗ କରିବା ପାଇଁ ବିଧାୟକ ସଚେତନତା ବାର୍ତ୍ତା ଦେଇଥିଲେ। ସେହିପରି ୱାର୍ଡର ସାହିବସ୍ତି ଅଞ୍ଚଳ ବୁଲିଲାବେଳେ ପରିବେଶ ଓ ପରିମଳ ପ୍ରତି ଯତ୍ନବାନ ହେବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, କଂଗ୍ରେସ ନେତା ଅନୀତା ନାୟକ, ହିମାଂଶୁ ରାଉତ, ସେକ୍ ସମିମଉଲ୍ଲା, ତୃପ୍ତି ଦାସ, ଶୈଳବାଳା ଜେନା, ମହମ୍ମଦ ଆଲିମ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ହରେକୃଷ୍ଣ ବେହେରା, ଭାଗବତ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ସଫେଇ କର୍ମଚାରୀଙ୍କୁ ମାସ୍କ, ସାନିଟାଇଜର ପ୍ରଦାନ

**ଭୁବନେଶ୍ୱର,୧୦।୬(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ ୪୫ ନଂ. ୱାର୍ଡର ସଫେଇ କର୍ମଚାରୀମାନଙ୍କୁ ଯୁବ ଆଇନଜୀବୀ ଯୋଗେଶ ଚନ୍ଦ୍ର ଜେନା ଗୁରୁବାର ମାସ୍କ, ସାନିଟାଇଜର ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଛନ୍ତି। କରୋନା ମହାମାରୀ ସମୟରେ ସଫେଇ କର୍ମଚାରୀମାନେ ନିଜ କର୍ତ୍ତବ୍ୟ ପାଳନ କରୁଛନ୍ତି। ସେମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଇନଜୀବୀ ଜେନା ଉକ୍ତ ସାମଗ୍ରୀ ପ୍ରଦାନ କରିଥିବା କହିଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବକ ଓ ମହିଳାମାନେ ଉପସ୍ଥିତ ଥିଲେ।





ଭୁବନେଶ୍ୱର ଚିନ୍ତାମଣିଶ୍ୱର ମନ୍ଦିରରେ ପୂଜା ପାଇଁ ଗହଳି ଓ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମହିଳାମାନେ ଦୀପ ଜାଳୁଛନ୍ତି।

# ସ୍ୱାମୀଙ୍କ ମଙ୍ଗଳ ମନାସି ବ୍ରତ ରଖିଲେ

**ଭୁବନେଶ୍ୱର, ୧୦।୬ (ବ୍ୟୁରୋ)**

କରୋନା କଟକଣା ଭିତରେ ମହିଳାମାନେ ପାଳନ କରିଛନ୍ତି ସାବିତ୍ରୀ ବ୍ରତ। ଉପବାସ ରହିବା ସହ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରି ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରିଛନ୍ତି। ସ୍ୱାମୀଙ୍କ ମଙ୍ଗଳ ମନାସୀ ଅଧିକାଂଶ ମହିଳା ଘରେ ପୂଜାର୍ଚ୍ଚନା କରିଥିବାବେଳେ ଆଉକେତେଜଣ ସୁବିଧା ଦେଖି ମନ୍ଦିର ଯାଇ ଠାକୁରଙ୍କୁ ଦୀପ ଜାଳି ଓ ଭୋଗ ଲଗାଇଥିଲେ। ଆମ୍ବ, ପଣସ, ସପୁରୀ, କଦଳୀ, ଲିଚୁ, ଖଜୁରୀକୋଳି, ଗଜାମୁଗ ନଡ଼ିଆପାଚି ଆଦି ଫଳମୂଳ ଭୋଗଲାଗି ହୋଇଥିଲା। ନୂଆ ଲୁଗା, ଶଂଖା, ସିନ୍ଦୁର, ଅଳତା ଆଦିକୁ ମା'ଙ୍କ ପାଖରେ ରଖି ଧୂପ, ଦୀପ, କର୍ପୂର ଓ ଆଳତି ସହ ସାବିତ୍ରୀ ବ୍ରତ ବହି ପାଠ କରିଥିଲେ। ପରିବାରର ସମସ୍ତ ସଦସ୍ୟ ପ୍ରସାଦ ସେବନ କରିଥିଲେ।

### ମାନିନେଲି କଟକଣା

କରୋନା କଟକଣା ସତ୍ତ୍ୱେ ରାଜଧାନୀର ବିଭିନ୍ନ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ଧାଡ଼ି ଲାଗିଥିଲା। ମନ୍ଦିର ଫାଟକ ବନ୍ଦ ରହିଥିଲେ ମଧ୍ୟ ନୀତିକାନ୍ତି କରାଯାଇଥିଲା। କେତେକ ମନ୍ଦିରରେ ବାହରୁ ରହି ଶ୍ରଦ୍ଧାଳୁମାନେ ଭୋଗଲାଗି କରିବାରୁ ପ୍ରବଳ ଗହଳି ହୋଇଥିଲା। ସାମାଜିକ ଦୂରତାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଥିଲା। ବିଶେଷକରି ଚିନ୍ତାମଣିଶ୍ୱର ମନ୍ଦିର, ପୁରୁଣା ଭୁବନେଶ୍ୱରର ଭୂଆଷୁଣି ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ସନ୍ତୋଷୀ ମନ୍ଦିର, ରବିଟକିଜ୍‌ର ମଙ୍ଗଳା ମନ୍ଦିର, ବଡଗଡ ଅଞ୍ଚଳର ଗ୍ରାମଦେବତୀ ମନ୍ଦିର, ଲକ୍ଷ୍ମୀସାଗରର ତାରିଣୀ ମନ୍ଦିର ସହ ପଟିଆ, ନୟାପଲ୍ଲୀ ଆଦି ଅଞ୍ଚଳର ବିଭିନ୍ନ ମନ୍ଦିରରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ଲିଙ୍ଗରାଜ ମନ୍ଦିର ନିକଟ ଅନନ୍ତ ବାସୁଦେବ ମନ୍ଦିରରେ ଅବଢ଼ା ପାଇଁ ଲୋକେ ଖୋଲାଖୋଲି ନିୟମ ଉଲ୍ଲଂଘନ କରି ଦୀର୍ଘ ସମୟ ଧରି ଭିଡ଼ ଜମାଇଥିଲେ। ଗହଳି ଥିବା କେତେକ ମନ୍ଦିରରେ ପୋଲିସ ପହଞ୍ଚି ଭିଡ଼ ନିୟନ୍ତ୍ରଣ କରିବା ସହ ପୂଜାରୀଙ୍କୁ ତାଗିଦ୍ କରିଥିଲେ ମଧ୍ୟ ଅନନ୍ତ ବାସୁଦେବ ମନ୍ଦିର ସ୍ଥିତି ଏଡ଼ାଇବାକୁ ନା ପୋଲିସ ଅବା ପ୍ରଶାସନିକ ଅଧିକାରୀ କାହାର ଦେଖା ନ ଥିଲା।

### କିନ୍ନର ପାଳିଲେ ସାବିତ୍ରୀ

କିନ୍ନରମାନେ ମଧ୍ୟ କରୋନା ନିୟମ ମାନି ପବିତ୍ର ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସମାଜର କଲ୍ୟାଣ ପାଇଁ ଭୁବନେଶ୍ୱର କିନ୍ନର ସମୁଦାୟ ମିଶି ପଳାଶପାଲ୍ଲୀ ନିକଟରେ ଥିବା ବରଗଛଠାରେ ପୂଜା କରିଥିଲେ। ଗୁରୁଙ୍କୁ ସେମାନେ ସ୍ୱାମୀ ଭାବରେ ବିବେଚନା କରୁଥିବାବେଳେ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ଦେବୀଙ୍କୁ ପ୍ରାର୍ଥନା କରିଥିଲେ। ପୂଜା ପରେ ଗୁରୁମାନେ ଅନ୍ୟମାନଙ୍କୁ ଶଂଖା, ସିନ୍ଦୁର, ନୂଆ ବସ୍ତ୍ର, ବ୍ରତ ଓ ବିଭିନ୍ନ ଫଳ ବଣ୍ଟନ କରିଥିଲେ। ଅନ୍ୟପକ୍ଷରେ ବିବାହ କରିଥିବା କେତେଜଣ କିନ୍ନର ସ୍ୱାମୀଙ୍କ ପାଇଁ ବ୍ରତ ରଖିଥିଲେ।

## ବୃନ୍ଦାବତୀଙ୍କୁ ପୂଜା କରିଲେ ବ୍ରତଧାରୀ

**କଟକ ଅଫିସ, ୧୦।୬:** କୋଭିଡ୍ କଟକଣା ମଧ୍ୟରେ କଟକର ବିଭିନ୍ନ ସ୍ଥାନରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। କେତେଜଣ ବ୍ରତଧାରୀ ମନ୍ଦିର ନ ଯାଇ ଘରେ ରହି ବୃନ୍ଦାବତୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଦେବୀଗଡା କାଠଯୋଡି ନଦୀକୂଳରେ ଥିବା ବରଗଛକୁ ମହିଳାମାନେ ପୂଜା କରୁଥିବା ଦେଖିବାକୁ ମିଳିଥିଲା। କଟକଣା ଜାରି ହୋଇଥିବାରୁ ବକ୍ସିବଜାର ଅମରେଶ୍ୱର ମନ୍ଦିର ବାହାରେ ମହିଳାମାନେ ଦୀପ ଜାଳି ଘରକୁ ଫେରିଥିଲେ। ସେହିଭଳି ସିଡିଏ ସେକ୍ଟର-୯ ସ୍ଥିତ ଇଚ୍ଛାତୀର୍ଥ ନିଳୟମଠାରେ କୋଭିଡ୍ କଟକଣା ମଧ୍ୟରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଥିଲେ।

# ଟାଙ୍ଗୀ ସିଏଚ୍‌ସିକୁ ଆମ୍ବୁଲାନ୍ସ ପ୍ରଦାନ

**କଟକ ଅଫିସ,୧୦।୬**

କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ପାରାଦୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)କୁ ବେସିକ୍ ଲାଇଫ୍ ସପୋର୍ଟ (ବିଏଲ୍ଏସ୍) ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଜିଲା ସ୍ୱାସ୍ଥ୍ୟ ଭବନ ପରିସରରେ ଏମ୍‌ପି ଅନୁଭବ ମହାନ୍ତି ଗୁରୁବାର ଏହି ଆମ୍ବୁଲାନ୍ସ ସେବାକୁ ଶୁଭାରମ୍ଭ କରି କହିଥିଲେ, ବର୍ତ୍ତମାନ ପରିସ୍ଥିତିରେ ଟାଙ୍ଗୀ ଅଞ୍ଚଳର କରୋନା ଆକ୍ରାନ୍ତଙ୍କୁ ଉନ୍ନତ ଧରଣ ଚିକିତ୍ସାର ଆବଶ୍ୟକତା ରହିଛି। ଏହି ଆମ୍ବୁଲାନ୍ସ ଚିକିତ୍ସା ସେବା ଯୋଗାଇବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ପାରାଦୀପ ପୋର୍ଟ ଟ୍ରଷ୍ଟର ସିଏମଓ ଡା. ପ୍ରହଲ୍ଲାଦ ପଣ୍ଡା, ଡେପୁଟି ଚେୟାରମ୍ୟାନ ଆଶିଷ ବୋଷ, ସିଡିଏମ୍ଓ ସତ୍ୟବ୍ରତ ଛୋଟରାୟ, କୋଭିଡ୍ ନୋଡାଲ୍ ଅଧିକାରୀ ଡା. ଉମେଶ ରୟ, ଡିଆଇପିଆରଓ ଅଶୋକ କୁମାର ଷଡଙ୍ଗୀ, ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ତନ୍ମୟୀ ଦାସ, ଡା. ମଧୁସ୍ମିତା ନାୟକ, ସହକାରୀ ଜିଲାପାଳ ଅଳକାରାଣୀ ଦେବତା ପ୍ରମୁଖ ଉପସ୍ଥିତ ଥିଲେ ।



ଆମ୍ବୁଲାନ୍ସ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏମ୍‌ପି ଅନୁଭବ ମହାନ୍ତିଙ୍କ ସହ ଅନ୍ୟମାନେ।

## ସଙ୍ଗୀତରେ ବାଳକୃଷ୍ଣ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୧୦।୬ (ବ୍ୟୁରୋ)**

ସଙ୍ଗୀତ ସୁଧାକରଙ୍କ ୯୮ତମ ଜୟନ୍ତୀ ଓ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନର ୨୮ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଭର୍ଚୁଆଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ସଙ୍ଗୀତ ଗୁରୁ ପଣ୍ଡିତ ରାମହରି ଦାସ ଓ ଫାଉଣ୍ଡେଶନ ସଭାପତି ଧୀରେନ୍ଦ୍ର କୁମାର ରାୟ ଯୋଗଦେଇ ସଙ୍ଗୀତ ସାଧକ ସ୍ୱର ସମ୍ରାଟ ସଙ୍ଗୀତ ସୁଧାକର ପଣ୍ଡିତ ବାଳକୃଷ୍ଣ ଦାଶ ଓଡ଼ିଆ ସଙ୍ଗୀତ ଆକାଶର ଧ୍ରୁବତାରା ହୋଇ ଉତ୍ତରପିଢ଼ିର ସଙ୍ଗୀତଜ୍ଞଙ୍କୁ ମାର୍ଗଦର୍ଶନ ପ୍ରଦାନ କରିବେ ବୋଲି କହିଥିଲେ। ଫାଉଣ୍ଡେଶନ ସମ୍ପାଦକ ଗୁରୁ ରାମହରି ଦାସଙ୍କ ପ୍ରାରମ୍ଭିକ ସୂଚନା ପରେ 'ଉତ୍କଳ ମଉଡ଼ମଣି ହେ' ଭକ୍ତି ସଙ୍ଗୀତରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହାପରେ ଶିଳ୍ପୀ ବାଣୀ ଜୟରାମ, ଗୁରୁ କେଶବ ଚନ୍ଦ୍ର ରାଉତ, ଲତା ଘୋଷ, ମହାପାତ୍ର ମିନତୀ ଭଞ୍ଜ, ଡ. ଆଦ୍ୟାଶା ଦାସ, ସୌରଭ ନାୟକ, ଡ. ବିଜୟ କୁମାର ଜେନା, ଶାନ୍ତିଲତା ଛୋଟରାୟ, ହରପ୍ରିୟା ସ୍ୱାଇଁ ଓ ଗୁରୁ ରାମହରି ଦାସ ସଙ୍ଗୀତଜ୍ଞ ବାଳକୃଷ୍ଣଙ୍କ ସଂଯୋଜିତ ଅଭୁଲା ସଙ୍ଗୀତକୁ ପରିବେଷଣ କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନ ଓ ସଙ୍ଗୀତ ସୁଧାକରଙ୍କ ପୁତ୍ର ଅରକ୍ଷିତ ଦାଶ ପରିଚାଳନା କରିଥିଲେ। ସୋସିଆଲ୍ ମିଡିଆ ପ୍ଲାଟଫର୍ମ ୟୁଟ୍ୟୁବ୍ ଏବଂ ଫେସ୍‌ବୁକ୍‌ରେ ଏହି ସଙ୍ଗୀତ କାର୍ଯ୍ୟକ୍ରମର ସିଧାପ୍ରସାରଣ ହୋଇଥିଲା। ସକାଳେ ରବୀନ୍ଦ୍ର ମଣ୍ଡପ ନିକଟ ଗୁରୁଙ୍କ ପ୍ରତିମୂର୍ତ୍ତିରେ ଶିଳ୍ପୀବୃନ୍ଦ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ରଖାଗଲା ପମ୍ପସେଟ୍, ଜାରି ହେଲା ଟୋଲ୍ ଫ୍ରି ନମ୍ବର

**ଭୁବନେଶ୍ୱର, ୧୦।୬ (ବ୍ୟୁରୋ)**

### ବର୍ଷା ପାଇଁ ବିଏମ୍‌ସିର ପ୍ରସ୍ତୁତି

ମୌସୁମୀ ଓ ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। କମିଶନର ସଞ୍ଜୟ କୁମାର ସିଂଙ୍କ ନିର୍ଦ୍ଦେଶକ୍ରମେ ସହରର ତଳିଆ ଅଞ୍ଚଳଗୁଡିକରେ ଆବଶ୍ୟକ ପଦକ୍ଷେପ ପାଇଁ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ବିଶେଷକରି ଜଳ ନିଷ୍କାସନ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଏ ସମ୍ପର୍କିତ ସହାୟତା ପାଇଁ ବିଏମ୍‌ସି ପକ୍ଷରୁ ୨୪ ଘଣ୍ଟିଆ ଟୋଲ ଫ୍ରି ନମ୍ବର ୦୬୭୪୨୪୩୧୨୫୩ ଓ ୧୮୦୦୩୪୫୦୦୬୧ ଜାରି କରାଯାଇଛି। ଅସୁବିଧା ସମୟରେ ଲୋକେ ଏସବୁ ନମ୍ବରରେ ଯୋଗାଯୋଗ କରିବାକୁ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ବର୍ଷାରେ ଅଧିକ ପ୍ରଭାବିତ ହେବା ଆଶଙ୍କା ଥିବା ଗାୟତ୍ରୀ ବିହାର, ଲକ୍ଷ୍ମୀସାଗର, ହଂସପାଳ ବେହେରା ସାହି, ଶ୍ରୀରାମ ସିଟି, ଘନଶ୍ୟାମ ଆପାର୍ଟମେଣ୍ଟ, ନୟାପଲ୍ଲୀ ବେହେରା ସାହି ଆଦି ଅଞ୍ଚଳଗୁଡିକରେ ବିଏମ୍‌ସି ପକ୍ଷରୁ ପମ୍ପସେଟ୍ ଲଗାଯାଇଛି। ଅନ୍ୟପକ୍ଷରେ ସହରର ୨୭ଟି ସ୍ଥାନ ଯଥା, ଅହଲ୍ୟା ନଗର, ହରିଦାସପୁର ମୁସଲିମ୍‌ସାହି, ହଂସପାଳ ଭୋଇସାହି, ନହରକଣ୍ଟା ଭୋଇ ସାହି, ନୂଆ ପାଟଣା, ମଙ୍ଗଳା ମନ୍ଦିର, ଗଜପତି ନଗର, ଜିଜିପି କଲୋନୀ, ରସୁଲଗଡ ଶବର ସାହି ଆଦି ସ୍ଥାନଗୁଡିକରେ ଫାୟାର ପମ୍ପ ସ୍ଥାପନ କରାଯାଇଛି। ଯଥାଶୀଘ୍ର ଅନ୍ୟ ସମ୍ବେଦନଶୀଳ ଅଞ୍ଚଳଗୁଡିକରେ ମଧ୍ୟ ପାଣି ନିଷ୍କାସନର ବ୍ୟବସ୍ଥା କରାଯିବ। ଗୁରୁବାର ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ ସହରର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ସେଠାକାର ଡ୍ରେନେଜ୍ ବ୍ୟବସ୍ଥାର ତଦାରଖ କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଭୁ



@ ଗୌରବ



@ ବିଜୟଲକ୍ଷ୍ମୀ



@ ପ୍ରିୟଙ୍କା



@ ଆଲୋକ



@ ଜ୍ୟୋତିଶଙ୍କର



@ ସର୍ଫରାଜ

# ଚିତ୍ରରେ କରୋନା ସଚେତନତା ବାର୍ତ୍ତା

**ବାଙ୍କୀ,୧୦।୬(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ୟୁନିସେଫର ମିଳିତ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ବୁଲୁଥିବା କରୋନା ସଚେତନତା ରଥ ଗୁରୁବାର ବାଙ୍କୀରେ ପହଞ୍ଚିଛି। ଏଠାରେ ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ସଚେତନତା ରଥ ବ୍ଲକର ୧୪ ପଞ୍ଚାୟତରେ କରୋନାର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରିଛି। ରଥରେ ଥିବା ଏଲସିଡି ଦ୍ୱାରା ଚଳଚ୍ଚିତ୍ର ମାଧ୍ୟମରେ, ବିଶେଷଜ୍ଞ ଡାକ୍ତରଙ୍କ ତଥ୍ୟ ଜରିଆରେ ଓ ବିଭିନ୍ନ କଳାକାରଙ୍କ ଦ୍ୱାରା ସଚେତନତା ସୃଷ୍ଟି କରାଯାଉଛି। କାର୍ଯ୍ୟକ୍ରମରେ ବାଙ୍କୀ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଚିତ୍ତ ରଞ୍ଜନ ବେହେରା, ବ୍ଲକ ମୁଖ୍ୟ କିରାଣି ଚନ୍ଦ୍ରଶେଖର ପ୍ରଧାନ, କର୍ମଚାରୀ ଦିଲୀପ କୁମାର ପାଲ, କହ୍ନେଇ ବେହେରା ଓ ସାମାଜିକ କର୍ମୀ ଆନନ୍ଦ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ଡମପଡା ବ୍ଲକରେ ଏହି ରଥ ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରାଇବ ବୋଲି ବାଙ୍କୀ ଉପଖଣ୍ଡ ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାଳିଚରଣ ତ୍ରିପାଠୀ ପ୍ରକାଶ କରିଛନ୍ତି।





ବାଙ୍କୀରେ କରୋନା ସଚେତନତା ରଥ ମାଧ୍ୟମରେ ସଚେତନ କରାଯାଉଛି।

## ନାବାଳକ ଉଦ୍ଧାର

**ଚୌଦ୍ୱାର,୧୦।୬(ଡି.ଏନ.ଏ.)**

ଚୌଦ୍ୱାର ବଜାରରୁ ଗୁରୁବାର ଜଣେ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ବିହାର ରାଜ୍ୟ ରାଗୁନାଥପୁର ଥାନା ରକଲି ଗ୍ରାମର ସମ୍ପୃକ୍ତ ନାବାଳକ ୧ ମାସ ତଳେ ଘରୁ ରାଗି ଆସି କଟକ ଜିଲା ମଙ୍ଗୁଳି ଅଞ୍ଚଳରେ ପହଞ୍ଚିଥିଲେ। ସେଠାରେ ଥିବା ଏକ ହୋଟେଲରେ କାମ କରୁଥିଲେ। ହେଲେ କୌଣସି କାରଣରୁ ହୋଟେଲ ମାଲିକ ବାହାର କରିଦେବାରୁ ଗୁରୁବାର ସେ ବେସାହାରା ଭାବେ ଚୌଦ୍ୱାରରେ ବୁଲୁଥିଲେ। ସ୍ଥାନୀୟ ଅଞ୍ଚଳରେ ଥିବା ଉଦ୍ଧାର ଫାଉଣ୍ଡେଶନର ସଦସ୍ୟମାନେ ଏ ସମ୍ପର୍କରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଟାସ୍କ ଫୋର୍ସ ସଦସ୍ୟ ନରୋତ୍ତମ ଦାସଙ୍କୁ ଜଣାଇଥିଲେ। ପରେ ଦାସ ଏନେଇ ଚାଇଲ୍ଡଲାଇନ ସଂଯୋଜକ ନାରାୟଣ ଶୁକ୍ଲାଙ୍କ ସହିତ ଯୋଗାଯୋଗ କରି ନାବାଳକଙ୍କୁ କଟକ ସ୍ଥିତ ବସୁନ୍ଧରାରେ ଛଡାଯାଇଥିବା ଜଣାପଡିଛି।

# ଶାନ୍ତନୁ ଦାସ ମୃତ୍ୟୁ ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

**ଖୁଣ୍ଟୁଣୀ,୧୦।୬( ଡି.ଏନ.ଏ)**

ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ମଞ୍ଚେଶ୍ୱର ଗ୍ରାମର ଶାନ୍ତନୁ ଦାସ ମୃତ୍ୟୁ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ତାଙ୍କ ବଡ଼ଭାଇ ସାଗର ରଞ୍ଜନ ଦାଶଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ପୁରୀ ଜିଲା ସତ୍ୟବାଦୀ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହିତ ଶାନ୍ତନୁଙ୍କର ପ୍ରେମ ସମ୍ପର୍କ ରହିଥିଲା। ହେଲେ ଶାନ୍ତନୁଙ୍କ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। ଶାନ୍ତନୁ ପରିବାର ଲୋକଙ୍କ କଥା ନ ମାନି ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବା ପାଇଁ ଜିଦ୍ ଧରିଥିଲେ। ଗତବର୍ଷ ସେପ୍ଟେମ୍ବର ୬ରେ ବିବାହ କରିବାକୁ ଦିନ ଧାର୍ଯ୍ୟ କରି ବିବାହ ପାଇଁ ସମସ୍ତ ସରଞ୍ଜାମ କିଣି ଘରକୁ ଆଣିଥିଲେ। ବିବାହ ନିଶ୍ଚିତ ହେଉଥିବା ଜାଣି ସାଗର ଓ ପରିବାର ସଦସ୍ୟ ମିଶି ଗତ ସେପ୍ଟେମ୍ବର ୨ ତାରିଖ ରାତିରେ ଶାନ୍ତନୁଙ୍କୁ ମାଡ ମାରିବା ସହ ମରିଯିବାକୁ ବାଧ୍ୟ କରିଥିଲେ। ୩ ତାରିଖ ସକାଳେ ଶାନ୍ତନୁଙ୍କ ଶୋଇବା ଘର ଭିତରେ ମରି ପଡିଥିବା ଦେଖି ପରିବାର ଲୋକେ ଥାନାକୁ ଖବର ଦେଇଥିଲେ। ଏସ୍ଆଇ ଗୟାଧର ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୩/୨୦) ରୁଜୁ କରି ତଦନ୍ତ ଚଳାଇଥିଲେ। ଏହି ଘଟଣାର ୩ ମାସ ପରେ ଅର୍ଥାତ୍ ଡିସେମ୍ବର ୧୯ରେ ସମ୍ପୃକ୍ତା ଯୁବତୀ ଥାନାରେ ଆଉଏକ ଅଭିଯୋଗ କରିଥିଲେ। ଶାନ୍ତନୁଙ୍କୁ ତାଙ୍କ ପରିବାର ଲୋକେ ମାରି ଦେଇଥିବା ସେ ଏତଲାରେ ଦର୍ଶାଇବା ପରେ ପୋଲିସ ଆଉଏକ ମାମଲା(ନଂ. ୧୪୯/୨୦) ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, ଶାନ୍ତନୁଙ୍କୁ ପରିବାର ଲୋକେ ମରିଯିବା ପାଇଁ ବାଧ୍ୟ କରିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା ବେଳେ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ କହିଛନ୍ତି।

### ମରିଯିବା ପାଇଁ ବାଧ୍ୟ କରିଥିଲେ ପରିବାର ଲୋକେ

**ଆଜି ୪ କେନ୍ଦ୍ରରେ ଟିକାକରଣ**

ସାକ୍ଷୀଗୋପାଳ,(ସ୍ୱ.ପ୍ର./ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକ ପ୍ରଶାସନ ପକ୍ଷରୁ ୪ଟି କେନ୍ଦ୍ରରେ ୮୦୦ ଜଣଙ୍କୁ ଟିକା ପ୍ରଦାନ ନିମନ୍ତେ ବ୍ୟବସ୍ଥା ହୋଇଛି। ଶୁକ୍ରବାର ପୂର୍ବାହ୍ନ ୯ଟାରୁ ୪୫ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯିବ। ଆଳିଶ ପ୍ରାଥମିକ ବିଦ୍ୟାଳୟ, ପକ୍ଷୀମୁଣ୍ଡ ନୋଡାଲ ଉଚ୍ଚ ବିଦ୍ୟାଳୟ ଦାସବିଦ୍ୟାଧରପୁର, ଦୁଗଲ କଲ୍ୟାଣମଣ୍ଡପ ଏବଂ ରାଇଚକ୍ରଧରପୁର ଉଚ୍ଚ ବିଦ୍ୟାଳୟ ସାରଙ୍ଗଯୋଡ଼ି କେନ୍ଦ୍ରରେ ଟିକା ଦିଆଯିବ ବୋଲି ବିଡିଓ କ୍ଷୀରୋଦ କୁମାର ବେହେରା କହିଛନ୍ତି। ଲୋକେ ନିଜ ବୟସ ପ୍ରମାଣପତ୍ର ଧରି ଆସିବାକୁ କୁହାଯାଇଛି।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୦।୦୬।୨୦୨୧

୧୬୦୯ ଟଙ୍କା

## ସଂକ୍ଷେପରେ

### ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି

ପୁରୀ ଅଫିସ, ୧୦।୬: ସାବିତ୍ରୀ ଅମାବାସ୍ୟା ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହୋଇଯାଇଛି। ଏଥିଲାଗି ସ୍ୱତନ୍ତ୍ର ନୀତିକାନ୍ତି ହୋଇଥିଲା। ମଙ୍ଗଳ ଆଳତି, ମଇଲମ, ଅବକାଶ ପୂଜା ସହ ଅନ୍ୟ ନୀତି ପରେ ଯାତଭୋଗ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଓ ମା' ଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଶ୍ରୀଦେବୀ ଆଜ୍ଞାମାଳ ପାଇ ପାଲିଙ୍କିରେ ନୃସିଂହ ମନ୍ଦିର ପଛପଟେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ। ଠାକୁର ଓ ଠାକୁରାଣୀଙ୍କୁ ପ୍ରସାସ ଲାଗି ପରେ ଚନ୍ଦନପାଣି ପିଚ୍‌କାରୀ ନୀତି ବଢିଥିଲା। ନୀତି ସମ୍ପନ୍ନ ପରେ ପଞ୍ଚ ଉପଚାରରେ ଶୀତଳ ଭୋଗ ମଣୋହି କରାଯାଇଥିଲା। ଠାକୁର ଓ ଠାକୁରାଣୀଙ୍କୁ ଜଳରୁ ଅଣାଯାଇ ଶ୍ରୀଅଙ୍ଗ ପୋଛାଯିବା ସହ ମଇଲମ କରାଯାଇଥିଲା। ମାଳଫୁଲ ଲାଗି କରାଯିବା ସହ ବେଶ ବଢିଥିଲା। ବନ୍ଦାପନା ନୀତି ପରେ ଠାକୁର ଓ ଠାକୁରାଣୀ ବାହୁଡ଼ା ବିଜେ କରିଥିଲେ। ଏହାପରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ହୋଇଥିଲା।

### ହୋଟେଲ ପଛପଟୁ ମିଳିଲା ମୃତଦେହ

ପୁରୀ ଅଫିସ, ୧୦।୬: ପୁରୀ ସମୁଦ୍ରକୂଳ ଥାନା ପୋଲିସ ଗୁରୁବାର ବେଳାଭୂମି ନିକଟ ଏକ ହୋଟେଲ ପଛପଟୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସୂଚନା ଅନୁଯାୟୀ ସକାଳେ ସୁ ପ୍ୟାଲେସ ହୋଟେଲ ପଛପଟେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ସମୁଦ୍ରକୂଳ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ମେଡିକାଲକୁ ପଠାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତକଙ୍କ ପରିଚୟ ମିଳିନାହିଁ।

### ଚିଲିକାରେ ଦୁଇ ଦିନରେ ୨ ଡଲ୍‌ଫିନ ମୃତ

ବ୍ରହ୍ମଗିରି,୧୦।୬(ଡି.ଏନ୍.ଏ.): ଚିଲିକାରୁ ବୁଧବାର ଏକ ଗଳିତ ଡଲଫିନ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଗୁରୁବାର ପୁଣି ଏକ ଡଲଫିନର ମୃତଦେହ ଉଦ୍ଧାର ହୋଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଚିଲିକାରେ ଇରାୱାଡି ଡଲଫିନକୁ ନେଇ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇଛି। ଏମାନଙ୍କ ସୁରକ୍ଷା ନେଇ ସରକାରଙ୍କ ପକ୍ଷରୁ ବହୁ ପଦକ୍ଷେପ ନିଆଯାଉଛି। ଗୁରୁବାର ଚିଲିକାର ମଏଁଷା ନାଳିରେ ଭାସୁଥିବା ଏକ ଡଲଫିନକୁ ସାତପଡା ବନବିଭାଗ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ କରାଯାଇଥିଲା। ଏହାର ଲମ୍ବ ୭.୬ ଫୁଟ୍ ହୋଇଥିବା ବେଳେ ଗୋଲେଇ ୪ ଫୁଟ। ଡଲଫିନଙ୍କ ଏଭଳି ମୃତ୍ୟୁକୁ ନେଇ ପରିବେଶବିତମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

### ବାବା ଛୋଟାରାମଙ୍କ ୮୭ତମ ମହୋତ୍ସବ

କୋଣାର୍କ, ୧୦।୬(ଡି.ଏନ୍.ଏ): ବାବା ଛୋଟାରାମଙ୍କ ୮୭ତମ ମହୋତ୍ସବ ଗୁରୁବାର ଆଶ୍ରମ ପରିବସରରେ ପାଳିତ ହୋଇଯାଇଛି। ସୀମିତ ଭକ୍ତଙ୍କ ଉପସ୍ଥିତିରେ ନାମ ସଂକୀର୍ତ୍ତନ କରାଯାଇଥିଲା। ବାବା ଛୋଟାରାମ ଜଣେ ସିଦ୍ଧ ପୁରୁଷ ଓ ପରମ ଶିବ ଭକ୍ତ ଥିଲେ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ଆଶ୍ରମର ମଠାଧୀଶ ପ୍ରତାପ ଚନ୍ଦ୍ର ମହାପାତ୍ର, କୈଳାସ ମହାପାତ୍ର, ଭରତ ପଣ୍ଡା, ଚିତ୍ତ ରଞ୍ଜନ ପଣ୍ଡା, ପ୍ରତାପ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ଡଙ୍ଗାରେ ବିପଦସଙ୍କୁଳ ଯାତ୍ରା



ବ୍ରହ୍ମଗିରି,୧୦।୬(ଡି.ଏନ.ଏ): ପୁରୀ ଜିଲାର ସାତପଡ଼ାଠାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଚିଲିକାରେ ଯାତାୟାତ ଓ ପରିବହନ ପାଇଁ ସ୍ଥାନୀୟ ଲୋକେ ଡଙ୍ଗା ଉପରେ ନିର୍ଭର କରନ୍ତି। ଲୋକଙ୍କ ସୁବିଧା ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ତରଫରୁ ଏକ ଭେସେଲ ଚଳାଚଳ କରୁଥିଲା। କରୋନା ସଂକ୍ରମଣ ରୋକିବା ପାଇଁ ସରକାର ଲକ୍‌ଡାଉନ ଜାରି କରି ପରିବହନ ସେବା ଉପରେ କଟକଣା ଲଗାଇଛନ୍ତି। ଫଳରେ ଚିଲିକାରେ ପରିବହନ ପାଇଁ ନିୟୋଜିତ ଥିବା ସିଡିଏର ଭେସେଲ ଚଳାଚଳ ବନ୍ଦ ରହିଛି। ଫଳରେ ଲୋକେ ବିପଦସଙ୍କୁଳ ଭାବେ ଡଙ୍ଗାରେ ଯାତ୍ରା କରୁଛନ୍ତି। ଜଣେ ଯାତ୍ରୀଙ୍କଠାରୁ ୫୦ ଟଙ୍କା ଓ ଗାଡ଼ି ପିଛା ୧୦୦ ଟଙ୍କା ଭଡ଼ା ନିଆଯାଉଛି। ଏଥିଯୋଗୁ ଅସନ୍ତୋଷ ପ୍ରକାଶ ପାଉଛି। ଗୋଟିଏ ଡଙ୍ଗାରେ ୩୫ରୁ ଊର୍ଦ୍ଧ୍ୱ ବାଇକ୍, ୪୦ଜଣ ଯାତ୍ରୀଙ୍କୁ ଏକସଙ୍ଗରେ ବସାଇ ପରିବହନ କରୁଛନ୍ତି। କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ବସାଇ ବିନା ଲାଇଫ ଜ୍ୟାକେଟରେ ନେବା ସମୟରେ ଅନେକ ଥର ଦୁର୍ଘଟଣା ଘଟୁଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ନାହିଁ। ବିଶେଷକରି କରୋନା ସଂକ୍ରମଣ ରୋକିବାକୁ ସରକାର ଅନେକ କଟକଣା କରିଥିଲେ ମଧ୍ୟ ଗୋଟିଏ ଡଙ୍ଗାରେ ଏତେ ସଂଖ୍ୟକ ଯାତ୍ରୀ କିପରି ନିଆଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଏ ନେଇ ଜଣେ ଯାତ୍ରୀ କହିଛନ୍ତି, ଲକ୍‌ଡାଉନ ଯୋଗୁ ଗାଡ଼ି, ବସ୍ ବନ୍ଦ ଥିବାବେଳେ ଜରୁରୀ କାମ ପାଇଁ ଡଙ୍ଗାରେ ଯିବାକୁ ପଡୁଛି। ହେଲେ ଡଙ୍ଗା ଚାଳକମାନେ ଅଧିକ ଟଙ୍କା ନେଉଛନ୍ତି।



**କୋଭିଡ୍ ନିୟମ ମାନିଲେନି:** ମହାପ୍ରସାଦ ପାଇଁ ଗୁରୁବାର ଶ୍ରୀମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

## ୨୪ ଦୋକାନ ସିଲ୍

ପୁରୀ ଅଫିସ,୧୦।୬: ପୁରୀ ଜିଲାର ବିଭିନ୍ନ ସ୍ଥାନରେ କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ୨୪ ଦୋକାନ ସିଲ୍ କରାଯାଇଛି। ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ବାସେଳୀସାହି ଓ ଗୋପରୁ ୫ଟି ଲେଖାଏ, ଡେଲାଙ୍ଗ ଓ ପୁରୀ ଟାଉନ୍‌ରୁ ୪ଟି ଲେଖାଏ, କାକଟପୁର ଓ ସତ୍ୟବାଦୀରୁ ଗୋଟିଏ ଲେଖାଏ ଦୋକାନ ସିଲ୍ ହୋଇଛି। ଦୋକାନୀମାନଙ୍କଠାରୁ ମୋଟ୍ ୩ ହଜାର ୮ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସାମାଜିକ ଦୂରତା ନ ମାନିବା ଅଭିଯୋଗରେ ୧୩ ଜଣଙ୍କଠାରୁ ୧୩ଶହ ଟଙ୍କା ଜରିମାନା ଆଦାୟ ହୋଇଛି। ମାସ୍କ ପରିଧାନ ନ କରିବା ଓ ଲକଡାଉନ୍ ସମୟରେ ବାହାରେ ଗାଡ଼ିରେ ବୁଲିବା ଯୋଗୁ ୨୫୯ ଜଣଙ୍କ ଠାରୁ ୨୬ ହଜାର ୯ଶହ ଟଙ୍କା ଆଦାୟ କରାଯାଇଛି ।

## ଧାନ ବିକ୍ରି ଦାବିରେ ଚାଷୀଙ୍କ ରାସ୍ତାରୋକୋ

ଡେଲାଙ୍ଗ,୧୦।୬(ଡି.ଏନ୍.ଏ.): ବେରବୋଇ ସ୍ଥିତ ଜାଡ଼ମଲ ସେବା ସମବାୟ ସମିତିକୁ ୨୪୦୦ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଦିଆଯାଇଥିବା ବେଳେ ୨୦୦୦ କୁଇଣ୍ଟାଲ ଧାନ କିଣା ଯାଇଛି। ଅବଶିଷ୍ଟ ଧାନ କିଣିବା ପାଇଁ ସମବାୟ ସମ୍ପାଦକ ବିଭିନ୍ନ ଆଳ ଦେଖାଇ ଧାନ ନ କିଣିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ବଳକା ଚାଷୀଙ୍କଠାରୁ ଧାନ କିଣିବା ଦାବିରେ ଶତାଧିକ ଚାଷୀ ଗୁରୁବାର ସକାଳ ୯ଟାରେ ଡେଲାଙ୍ଗ-ଖୋର୍ଦ୍ଧା ରାସ୍ତାର ବେରବୋଇ ଛକ ନିକଟରେ ୨ ଘଣ୍ଟା ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଟୋକନ ମିଳିଥିବା ସମୟରେ ମଣ୍ଡି ଖୋଲା ଯାଇ ନ ଥିଲା। ମଣ୍ଡି ଖୋଲିବା ପରେ ଟୋକନର ସମୟ ଅବଧି ଶେଷ ହୋଇଯାଇଥିଲା। ଫଳରେ ଧାନବିକ୍ରିରୁ ଚାଷୀମାନେ ବାଦ୍ ପଡିଥିଲେ। ମଣ୍ଡିରେ ଧାନ ନ କିଣି ମିଲରଙ୍କ ଘରେ ଧାନ ପହଞ୍ଚାଇବାକୁ ସମ୍ପାଦକ ଚାଷୀଙ୍କୁ ପ୍ରବର୍ତ୍ତାଇବା ଚାଷୀମାନେ ଅଭିଯୋଗ ଆଣିଥିଲେ। ଖବରପାଇ ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଡେଇ, ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ, ବ୍ଲକ ଯୋଗାଣ ଅଧିକାରୀ ଲିପ୍‌ସାରାଣୀ ରାଉତ ପ୍ରମୁଖ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ତହସିଲଦାର ବଡେଇ ବାଦ୍ ପଡିଥିବା ଚାଷୀଙ୍କ ଧାନ କିଣାଯିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକା ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସ୍ଥାନୀୟ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜକିଶୋର ଆଲୁକଙ୍କ ନେତୃତ୍ୱରେ ଚାଷୀ ଭାଗୀରଥି ବେହେରା, ଜବାହାର ବିଶ୍ୱାଳ, ପ୍ରହ୍ଲାଦ ପ୍ରଧାନ, ରସାନ୍ତ ପଣ୍ଡା, ଦେବରାଜ ସ୍ୱାଇଁ, ସୁକାନ୍ତ ବିଶ୍ୱାଳ, ସନାତନ ପ୍ରଧାନ, ଶାନ୍ତନୁ ପ୍ରହରାଜ, ସଞ୍ଜୟ ପରିଡାଙ୍କ ସମେତ ବେରବୋଇ, ବ୍ରାହ୍ମଣତରବୋଇ, ଓଡତରବୋଇ, ମଣିଜପୁର, ଉଦୟପୁର, ଆୟତନତୁଅ, ବୁଆଲି ଗ୍ରାମର ଶତାଧିକ ଚାଷୀ ରାସ୍ତାରୋକୋରେ ସାମିଲ ହୋଇଥିଲେ।



ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି ।

## ପଞ୍ଚାୟତକୁ କାରଣ ଦର୍ଶାଅ ନୋଟିସ ପୋଖରୀ ଖୋଳା ଦୁର୍ନୀତି

ଅସ୍ତରଙ୍ଗ,୧୦।୬(ଡି.ଏନ୍.ଏ.): ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମାଳଦା ଗ୍ରାମରେ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନଆରଇଜିଏସ)ରେ ଏକ ପୋଖରୀ ପୁନରୁଦ୍ଧାର ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏଥିପାଇଁ ମଷ୍ଟରରୋଲରେ ଶ୍ରମିକଙ୍କ ନାମ ପଞ୍ଜୀକୃତ ହୋଇ ଦୁଇଟି ପର୍ଯ୍ୟାୟରେ ଟଙ୍କା ଦିଆଯାଇଥିଲା। ତେବେ ପୋଖରୀର ପୁନରୁଦ୍ଧାର କରା ନ ଯାଇ ସରକାରୀ ଅର୍ଥ ହରିଲୁଟ କରାଯାଇଥିବା ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ବିଡିଓ ବେବିତା ମଞ୍ଜରୀ ନାୟକ, ଅତିରିକ୍ତ ବିଡିଓ ଯୋଗେନ୍ଦ୍ର କୁମାର ମହାକୁଡ, ଏପିଓ ଇତିଶ୍ରୀ ନାୟକ ପ୍ରମୁଖ ପୋଖରୀ ନିକଟରେ ପହଞ୍ଚି ତଦନ୍ତ କରିଥିଲେ। ଅଭିଯୋଗର ସତ୍ୟାସତ୍ୟ ଅନୁଭବ କରି ବିଡିଓ ତୁରନ୍ତ ପଞ୍ଚାୟତକୁ କାରଣ ଦର୍ଶାଅ ନୋଟିସ ଜାରି କରି ପ୍ରକଳ୍ପର ଦସ୍ତାବିଜ ଜବତ କରିଥିଲେ। ସରକାରୀ ନିୟମ ଅନୁଯାୟୀ ସରକାରୀ ଟଙ୍କା ସୁଧ ସହ ଆଦାୟ କରାଯିବ ବୋଲି ବିଡିଓ କହିଛନ୍ତି।

## ରଥଖଳାରୁ
## ଦଣ୍ଡା ନିର୍ମାଣ ସରିଲା



ପୁରୀ ଅଫିସ, ୧୦।୬: ତିନି ରଥର ମୋଟ ୪୨ ଚକ ମଧ୍ୟରୁ ଗୁରୁବାର ସନ୍ଧ୍ୟା ସୁଦ୍ଧା ୩୯ ଚକର ନିର୍ମାଣ କାର୍ଯ୍ୟ ସରିଛି। ଶେଷ ୩ଟି ଚକର ତୁମ୍ବରେ ଅର ସଂଯୋଗ ହୋଇ ପଇ କଳସା ଚାଲିଛି। ଚକ ଅଖକୁ ବାନ୍ଧି ରଖିବା ପାଇଁ ଦଣ୍ଡାରେ ଅନ୍ୟ ଅଂଶ ଖଞ୍ଜାଯାଇ ମାପ ପ୍ରକାରେ ସେଟ୍ କରାଯାଇଛି। କୋଣଗୁଜ ଓ ଜଳଯନ୍ତ୍ର ଉପରେ ନିରାଡ଼ି ପଡ଼ି ଫିଟିଂ କରାଯାଇଛି। ଏହା ସମ୍ପୂର୍ଣ୍ଣ ହୋଇ କ୍ରମାଙ୍କ (ନମ୍ବରିଂ) ପରେ ଦଣ୍ଡାରେ ଲାଗିଥିବା ସମସ୍ତ ଅଂଶ ଖୋଲାଯାଇ ରଖାଯିବ। ସମସ୍ତ ଚକ ନିର୍ମାଣ ସରି ଅଖ ସଂଯୋଗ ପରେ ଦଣ୍ଡା ସେଟିଂ କରାଯିବ। ରୂପକାର ସେବକମାନଙ୍କ ଦ୍ୱାରା ତିନିରଥର କୋଣଗୁଜଗୁଡିକରେ ରୂପ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ପରେ ନାଟଗୋଡ଼ରେ ରୂପ ଖୋଦେଇ ଆରମ୍ଭ ହେବ। ଦେବଦଳନ ରଥର ୨ଟି, ତାଳଧ୍ୱଜ ଓ ନନ୍ଦିଘୋଷ ରଥର ଗୋଟିଏ ଲେଖାଏ ଗରଗରାର ଚଉପଟ କାମ ଶେଷ ହୋଇଛି। ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ ଚାଲିଛି। ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ମହାପ୍ରସାଦ ପାଇଁ ମାନିଲେନି କଟକଣା

ପୁରୀ ଅଫିସ, ୧୦।୬: ପ୍ରତିବର୍ଷ ସାବିତ୍ରୀ ବ୍ରତ ଅବସରରେ ମହାପ୍ରସାଦ ନେବା ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥାଏ। ତେବେ ଚଳିତ ବର୍ଷ କରୋନା କାରଣରୁ ଶ୍ରୀମନ୍ଦିର ପ୍ରବେଶ ଉପରେ କଟକଣା ଜାରି ରହିଛି। ତେବେ ସାବିତ୍ରୀ ବ୍ରତରେ ଭକ୍ତମାନେ ଯେପରି ସୁବିଧାରେ ମହାପ୍ରସାଦ ପାଇପାରିବେ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ସୁଆର ମହାସୁଆର ନିଯୋଗ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଟୋକନ ମାଧ୍ୟମରେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ଓ ଦକ୍ଷିଣ ଦ୍ୱାର ନିକଟରେ ମହାପ୍ରସାଦ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ତେବେ ସମ୍ପୃକ୍ତ ସ୍ଥାନରେ ପ୍ରବଳ ଭିଡ଼ ହୋଇଥିଲା। ଲୋକେ ମହାପ୍ରସାଦ ନେବା ପାଇଁ କୋଭିଡ୍ ନିୟମ ମାନି ନ ଥିଲେ। ଅନେକଙ୍କ ମୁହଁରେ ମାସ୍କ ନ ଥିବାବେଳେ ଘଟଣାସ୍ଥଳରେ ସାମାଜିକ ଦୂରତା ନ ଥିବା ଦେଖିବାକୁ ମିଳିଥିଲା। ପୋଲିସ ଉପାୟ ଶୂନ୍ୟ ହୋଇ ନୀରବଦ୍ରଷ୍ଟା ସାଜିଥିଲା। ସେହିପରି ଟୋକନ ବ୍ୟବସ୍ଥାରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଲୋକଙ୍କ ସଂଖ୍ୟା ଅଧିକ ଥିବା ବେଳେ ଟୋକନ ସଂଖ୍ୟା କମ୍ ରହିଥିଲା। ଫଳରେ ଲୋକେ ଗଳାବାଟ ମାଧ୍ୟମରେ ମହାପ୍ରସାଦ କ୍ରୟ କରିଥିଲେ। ଅନେକ ଲୋକ ମହାପ୍ରସାଦ ନ ପାଇ ମନଦୁଃଖରେ ଘରକୁ ଫେରିଥିଲେ। ମହାପ୍ରସାଦ ନେବାକୁ ଆସିଥିବା ବିକାଶ କୁମାର ପ୍ରଧାନ କହିଥିଲେ, ବହୁ ସମୟ ଧରି ଠିଆ ହୋଇଥିଲେ ମଧ୍ୟ ଟୋକନ ନ ଥିବା ଜାଣିବାକୁ ପାଇଲି। ତେଣୁ ନିରାଶ ହୋଇ ଫେରୁଛି। ସେହପରି ଗାଡ଼ି ପାର୍କିଂକୁ ନେଇ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥିଲା। ଆଗକୁ ଏଥିପ୍ରତି ପ୍ରଶାସନ ଧ୍ୟାନ ଦେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ସାବିତ୍ରୀ ବ୍ରତ ପାଳନ କଲେ କିନ୍ନର



ପୁରୀ ସହରର ଏକ ମନ୍ଦିର ସମ୍ମୁଖରେ କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରୁଛନ୍ତି ।

କୋଣାର୍କ, ୧୦।୬(ଡି.ଏନ୍.ଏ): କିନ୍ନରମାନେ ସେମାନଙ୍କ ଗୁରୁଙ୍କ ପାଇଁ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଗୁରୁବାର କୋଣାର୍କ କିନ୍ନର ସଂଘର ସଦସ୍ୟାମାନେ ମା' ଭଗବତୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ସେମାନେ ମା' ଙ୍କ ପୀଠ ନିକଟ ବଟବୃକ୍ଷ ଓ କିନ୍ନର ଗୁରୁଙ୍କୁ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲା କିନ୍ନର ସଂଘ ସଭାନେତ୍ରୀ ପ୍ରିୟାଂଶୀ ଦାସ, କୋଣାର୍କ କିନ୍ନର ସଂଘ ସଭାନେତ୍ରୀ ଦୀପାଶା ନାୟକ, ପାଏଲ, ସୁକାନ୍ତି, ପିଙ୍କି, ଶ୍ରଦ୍ଧା, ସନ୍ଧ୍ୟା, ପୂର୍ଣ୍ଣିମା ଓ ହରପ୍ରିୟା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମା'ଙ୍କ ପୀଠରେ ବଳରାମ ପ୍ରଧାନଙ୍କ ନେତୃତ୍ୱରେ କିନ୍ନରମାନେ ଚାରାରୋପଣ କରିଥିଲେ। କୋଣାର୍କ ଅଞ୍ଚଳର ଗରିବ ଓ ଅସହାୟ ଲୋକଙ୍କୁ ଚଳିତ ମାସ ଶେଷ ସପ୍ତାହରେ ରାଶନ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି କୋଣାର୍କ କିନ୍ନର ସଂଘ ସଭାନେତ୍ରୀ ଦୀପାଶା ନାୟକ ସୂଚନା ଦେଇଛନ୍ତି।

# ନିଷ୍କାସନ ବ୍ୟବସ୍ଥା ନାହିଁ, ଜମିରହୁଛି ପାଣି

- ସାକ୍ଷୀଗୋପାଳ ବଜାରରେ ସୁଧୁରୁନି ସମସ୍ୟା
- ହଇରାଣ ହେଉଛନ୍ତି ବ୍ୟବସାୟୀ, ପଥଚାରୀ



ସାକ୍ଷୀଗୋପାଳ ବଜାର ପରିସରରେ ବର୍ଷାପାଣି ଜମି ରହିଛି।

ସାକ୍ଷୀଗୋପାଳ, ୧୦।୬(ସ୍ୱ.ପ୍ର.): ସାକ୍ଷୀଗୋପାଳ ବଜାର ଉପରେ ଆଖପାଖ ଅଞ୍ଚଳର ହଜାର ହଜାର ଲୋକେ ନିର୍ଭର କରନ୍ତି। ଏଥିସହ ଏଠାରେ ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିର, ଡାକ୍ତରଖାନା, ଥାନା, ପୋଷ୍ଟ ଅଫିସ, ବସ୍‌ଷ୍ଟାଣ୍ଡ, ତହସିଲ କାର୍ଯ୍ୟାଳୟ, ସରକାରୀ ବିଦ୍ୟାଳୟ ପ୍ରଭୃତି ରହିଛି। ତେବେ ଅସରାଏ ବର୍ଷା ହେଲେ ଏହି ରାସ୍ତା ଜଳାର୍ଣ୍ଣବ ହୋଇପଡୁଛି। ବିଶେଷକରି ଲକ୍ଷ୍ମୀଧର ହୋତାଙ୍କ ଦୋକାନଠାରୁ ରାଜୁ ଦାସଙ୍କ ଦୋକାନ ପ୍ରାୟ ୩୦୦ ମିଟର ପର୍ଯ୍ୟନ୍ତ ବର୍ଷା ପାଣି ୨ରୁ ୩ଫୁଟ ଉଚ୍ଚରେ ଦୀର୍ଘ ସମୟ ଜମିରହୁଛି। ଏହି ସମୟରେ ଯାତାୟାତ କରିବା ମୁସ୍କିଲ ହୋଇପଡୁଛି। ସେହି ବାଟ ଦେଇ ଗାଡ଼ି ଚଳଚଳ ବେଳେ ପଥଚାରୀଙ୍କ ଉପରେ ଜମିଥିବା ଗୋଳିଆ ପାଣି ଛିଟିକି ପଡୁଛି। ରାସ୍ତା ଦୁଇପାର୍ଶ୍ୱରେ ଥିବା ଦୋକାନରେ ଏହି ପାଣି ପଶୁଛି। ଫଳରେ ଅନେକ କ୍ଷତି ସହିବାକୁ ପଡୁଛି। ବର୍ଷାଦିନର ଦୁଃଖ କଥା ନ କହିବା ଭଲ। ରାସ୍ତା ପାର୍ଶ୍ୱରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋଜ ନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ କହିଛନ୍ତି, ରଜ ପରେ ପାଣି ଜମୁଥିବା ସ୍ଥାନ ମରାମତି ସହ ଉଚ୍ଚ କରାଯିବ। ଡ୍ରେନ ନିର୍ମାଣ ପାଇଁ ବଜାର କମିଟିର ସହଯୋଗ ଆବଶ୍ୟକ, ଯାହା ମିଳୁନାହିଁ। ବଜାର କମିଟିର ସହଯୋଗ ମିଳିଲେ ଏହି ସମସ୍ୟାର ସମାଧାନ ହୋଇପାରିବ। ସେହିପରି ସତ୍ୟବାଦୀ ବିଡିଓ କ୍ଷୀରୋଦ କୁମାର ବେହେରା କହିଛନ୍ତି, ଖୁବ୍‌ଶୀଘ୍ର ଏ ସଂକ୍ରାନ୍ତରେ ଏକ ସମନ୍ୱୟ ବୈଠକ ଡକାଯାଇ ଆଲୋଚନା କରାଯିବ। ଅନ୍ୟପକ୍ଷରେ ବଜାର କମିଟି ସଭାପତି ବୀରେନ୍ଦ୍ର ଭୂଷଣ ହୋତା, ସଦସ୍ୟ ବାବନ ବରାଳ ଓ ଫଗୁଚରଣ ପରିଡ଼ା ପ୍ରମୁଖ ଏହି ସମସ୍ୟା ଦୂର ଲାଗି ପ୍ରଶାସନକୁ ସମସ୍ତ ସହଯୋଗ କରାଯିବ ବୋଲି କହିଛନ୍ତି।

## ସଙ୍ଗରୋଧରେ ସ୍ୱାମୀ, ଘରେ ଏକା ସାବିତ୍ରୀ ବ୍ରତ କଲେ ସ୍ତ୍ରୀ

ପୁରୀ ଅଫିସ, ୧୦।୬: ସାତ ଜନ୍ମ ପାଇଁ ସାଥୀ ଭାବେ ବାଛି ଅଗ୍ନିକୁ ସାକ୍ଷୀ ରଖି ବିବାହ ବନ୍ଧନରେ ବାନ୍ଧି ହୋଇଥାନ୍ତି ସ୍ୱାମୀ ଓ ସ୍ତ୍ରୀ। ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ପାଇଁ ସାବିତ୍ରୀ ବ୍ରତ ପବିତ୍ର ଅଟେ। ସ୍ୱାମୀର ମଙ୍ଗଳ କାମନା କରି ସ୍ତ୍ରୀ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି। କିନ୍ତୁ ବିଧିର ବିଧାନ ବିଚିତ୍ର। ମହାପ୍ରଭୁଙ୍କ ରଥରେ ନିୟୋଜିତ ଥିବା ସେବକ ଓ ତାଙ୍କ ପରିବାର ପାଇଁ ଚଳିତ ବର୍ଷ ସାବିତ୍ରୀ ବ୍ରତ ନିଆରା ଥିଲା। ଏବେ ରଥ ନିର୍ମାଣରେ ମହାରଣା ସେବକ ଏବଂ କାରିଗର ବ୍ୟସ୍ତ ରହିଛନ୍ତି। ସାବିତ୍ରୀ ଅମାବାସ୍ୟାରେ ସେମାନେ ନିଜ ଘରକୁ ଯାଇପାରି ନାହାନ୍ତି। କୋଭିଡ୍ ନିୟମ ଅନୁଯାୟୀ ଅନେକ ସେବାୟତ ନୀଳାଦ୍ରି ଭକ୍ତନିବାସରେ ସଙ୍ଗରୋଧରେ ରହିଛନ୍ତି। ଏପରିସ୍ଥଳେ ସେମାନଙ୍କ ସ୍ତ୍ରୀମାନେ ଘରେ ଏକା ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏଥିରେ ଅବଶ୍ୟ ସେମାନେ ଖୁସି। କାରଣ ବିଶ୍ୱନିୟନ୍ତାଙ୍କ ରଥ ନିର୍ମାଣରେ ତାଙ୍କ ସ୍ୱାମୀମାନେ ନିୟୋଜିତ ରହିଛନ୍ତି। ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ ମହାପାତ୍ରଙ୍କ ସ୍ତ୍ରୀ ତାପସୀ ମହାପାତ୍ର କହିଛନ୍ତି, ଅକ୍ଷୟ ତୃତୀୟାଠାରୁ ତାଙ୍କ ସ୍ୱାମୀ ମୁଣ୍ଡରେ ଶାଢ଼ି ବାନ୍ଧି ରଥ ନିର୍ମାଣର ଗୁରୁଦାୟିତ୍ୱ ନେଇଛନ୍ତି। ସେ ପରିବାରଠାରୁ ଅଲଗା ହୋଇ ନିଜକୁ ସଙ୍ଗରୋଧରେ ରଖିଛନ୍ତି। ତେଣୁ ତାଙ୍କ ଅନୁପସ୍ଥିତିରେ ମୁଁ ଏକା ସାବିତ୍ରୀ ବ୍ରତ ପାଳନ କରୁଛି। ତାଙ୍କ ପାଇଁ ମନ ଟିକେ ଦୁଃଖ ହେଉଥିଲେ ବି ଆଗ ମହାପ୍ରଭୁଙ୍କ କାମ ଓ ପଛରେ ଘର କାମ। ସେହିପରି ପରିବାରଠାରୁ ଦୂରରେ ଥିବାରୁ କେତେଜଣ ସେବକ ନିଜ ସ୍ତ୍ରୀଙ୍କ ସହ ଭିଡିଓ କଲିଂରେ ସାବିତ୍ରୀ ବ୍ରତ ପାଳନ କରୁଥିବା ଦେଖିବାକୁ ମିଳିଥିଲା।

சர்தார் வல்லபாய் படேல் சர்வதேச ஜவுளி மற்றும் மேலாண்மை கல்லூரி
सरदार वल्लभभाई पटेल इंटरनेशनल स्कूल ऑफ टेक्सटाइल्स एंड मैनेजमेंट
SVPITM
**SARDAR VALLABHBHAI PATEL**
**International School of Textiles & Management**
Autonomous Institute, Ministry of Textiles, Government of India
1483, Avinashi Road, Peelamedu, COIMBATORE – 641004 Ph : 0422 – 2571675, 2592205
**ADMISSION 2021 - 22.** Applications Are Invited For SVP Entrance Test
**B.Sc.** • Textiles | **MBA** • Textile / Apparel / Retail
Applications are also open **12 Weeks Online Short-term Certificate Courses In Medical Textile Management & Non-woven Textile Management** for all.
**Application forms available in the institute website**
**Last date for the receipt of application is 25.06.2021**
For admission details call ✆ 88704 79675 98438 14145
For short-term course details call ✆ 90036 45543
Visit www.svpistm.ac.in E-mail : admission@svpitm.ac.in



**OFFICE OF THE PRINCIPAL**
**GOVT. COLLEGE (AUTO), ANGUL**
**QUOTATION**
Sealed quotations are invited from registered manpower service providers for engagement of daily wage workers in Govt. College (Auto), Angul on outsourcing basis for the session 2021-22.
For more information refer college website: www.gaca.nic.in or college notice board.
Sd./- Principal

**OFFICE OF THE REGULATED MARKET COMMITTEE, JAGATSINGHPUR**
At: Gopalsagar, P.O./Dist.- Jagatsinghpur, Odisha, PIN - 754103
E-mail: rmcjspur@gmail.com
**E-PROCUREMENT (INVITATION FOR BID)**
**TENDER CALL NOTICE No. 392 / Dt.09.06.2021**
In pursuant to the advertisement vide No. 392 Dt.09.06.2021, the bid documents will be available for sale in the website **www.tenderorissa.gov.in** from 10.00 A.M. of 11.06.2021 to 5.00 P.M. of 21.06.2021 for online bidding.
Sd./- Sub Collector-cum-Chairman
RMC, Jagatsinghpur

**ଘରେ ପାଳିଲେ ସାବିତ୍ରୀ ବ୍ରତ**

**ଖୋର୍ଦ୍ଧା ଅଫିସ:** ଚଳିତବର୍ଷ କରୋନା ପାଇଁ ସଧବା ମହିଳାମାନେ ମନ୍ଦିର ପରିବର୍ତ୍ତେ ଘରେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସାବିତ୍ରୀ ବ୍ରତ ପାଇଁ ଗୁରୁବାର ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମନ୍ଦିରରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଥିଲା। ଅନେକ ମନ୍ଦିର ଆଗରେ ପୋଲିସ ମୁତୟନ ଥିଲେ। ମନ୍ଦିର ଆସିଥିବା ମହିଳାମାନଙ୍କୁ ପୋଲିସ ଭିତରକୁ ଛାଡ଼ି ନ ଥିଲା। ସେମାନେ ମନ୍ଦିର ଆଗରେ ମୁଣ୍ଡିଆ ମାରି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଫେରିଯାଇଥିଲେ।

## ସଂକ୍ଷେପରେ

### ରାସ୍ତା ପାର୍ଶ୍ୱକୁ ଓଲଟିଲା କାର୍



**ବୋଲଗଡ଼,୧୦।୬(ଡି.ଏନ୍.ଏ.):** ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ବୋଲଗଡ଼ ଥାନା ଅଧୀନ ଚୁଡ଼ା ଗ୍ରାମ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ କାର(ଓଆର୦୨ ବିଏସ୍ ୧୨୪୨) ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ କଲଭର୍ଟ ତଳକୁ ଓଲଟି ପଡ଼ିଥିଲା। ଏଥିରେ ଚାଳକ ଜଣଙ୍କ ସାମାନ୍ୟ ଆହତ ହୋଇଥିଲେ। ତେବେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ପ୍ରକାଶ ଯେ, ଦୀର୍ଘ ବର୍ଷ ହେବ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଫଳରେ ବିଭିନ୍ନ ସ୍ଥାନରେ ରାସ୍ତାର ଅବସ୍ଥା ଶୋଚନୀୟ ହେତୁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ଚୁଡ଼ା ଗ୍ରାମ ଛକ ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ କାର୍ଯ୍ୟ ସାରିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଠିକାସଂସ୍ଥା ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ ସୁଫଳ ମିଳୁନାହିଁ। ତୁରନ୍ତ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଛି।

### ନଦୀପଠାରୁ ଲିଫ୍ଟ ପମ୍ପ ଚୋରି

**ନିରାକାରପୁର,୧୦।୬(ଡି.ଏନ୍.ଏ.):** ଜଙ୍କିଆ ଥାନା ଅନ୍ତର୍ଗତ ଜଙ୍କିଆ ପଞ୍ଚାୟତ ମୁଣ୍ଡାଆମ୍ବ ମୌଜାରେ ଥିବା ମନ୍ଦାକିନୀ ନଦୀ ପଠାରୁ ଏକ ଲିଫ୍ଟ ପମ୍ପ ଚୋରି ହୋଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ଚାଷୀମାନେ କିପରି ସୁବିଧାରେ ଫସଲ କରିପାରିବେ ସେନେଇ ସେମାନଙ୍କ ପାଇଁ ବିଭାଗ ପକ୍ଷରୁ ୫ଟି ଲିଫ୍ଟ ପମ୍ପ ମାଧ୍ୟମରେ ପାଣି ଯୋଗାଯାଉଥିଲା। ବୁଧବାର ରାତିରେ କେହି ଦୁର୍ବୃତ୍ତ ଏଥିରୁ ଗୋଟିଏ ଲିଫ୍ଟ ପମ୍ପ ଚୋରି କରି ନେଇଥିବା ଚାଷୀ ତାପସ ବଳିୟାରସିଂ ଓ ସୁରେନ୍ଦ୍ର ନାଥ ଜେନା ଥାନାରେ ଅଭିଗୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି।

### ବିକ୍ରମ ବର୍ମାଙ୍କ ସ୍ମୃତିଚାରଣ

**ଖୋର୍ଦ୍ଧା ଅଫିସ,୧୦।୬:** ପୂର୍ବତନ ବିଧାୟକ ତଥା ୟୁଟିଆଇ ସଂଘ ସଭାପତି ବିକ୍ରମ କେଶରୀ ବର୍ମାଙ୍କ ବିୟୋଗରେ ଗୁରୁବାର ମାର୍ଗଦର୍ଶୀ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାର୍ଗଦର୍ଶୀ ସମ୍ପାଦକ ଉମାଶଙ୍କର ପ୍ରସାଦ ଅଧକ୍ଷତା କରିଥିଲେ। ୟୁଟିଆଇ ଖୋର୍ଦ୍ଧା ଶିକ୍ଷା ମଣ୍ଡଳ ସଭାପତି ଜବାହରଲାଲ ସୁବୁଦ୍ଧି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷା କ୍ଷେତ୍ରରେ ବର୍ମାଙ୍କ ଅବଦାନ ଅବିସ୍ମରଣୀୟ ଏବଂ ତାଙ୍କ ରଚିତ ଆତ୍ମଜୀବନୀ ଅନ୍ୟମାନଙ୍କ ପ୍ରେରଣାର ଉତ୍ସ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଶିକ୍ଷାବିତ ଲକ୍ଷ୍ମୀପ୍ରସାଦ ସାହୁ, ନଟବର ସ୍ୱାଇଁ, ରଘୁନାଥ ଦଳବେହେରା, ଶରତ ଚନ୍ଦ୍ର ପାଇକରାୟ, ମାଧବ ଚନ୍ଦ୍ର ଦାସ, ଅର୍ଜୁନ ବାରିକ ଓ ବ୍ରଜେଶ୍ୱର ପତି ପ୍ରମୁଖ ଯୋଗଦେଇ ବର୍ମାଙ୍କ ସ୍ମୃତିଚାରଣ କରିଥିଲେ।

### କ୍ରୀଡ଼ାଶିକ୍ଷକଙ୍କ ପରଲୋକ

**ଟାଙ୍ଗୀ(ଖୋର୍ଦ୍ଧା),୧୦।୬(ଡି.ଏନ୍.ଏ.):** ଚାନ୍ଦପୁର ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦିଲୀପ କୁମାର ଦାସ(୪୫)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଅସୁସ୍ଥ ଥିବାରୁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଟାଙ୍ଗୀ ଅଞ୍ଚଳର ଜଣେ ଜଣାଶୁଣା ଫୁଟବଲ ଖେଳାଳି ଥିବା ବେଳେ ଶିବାୟୁଥ କ୍ଲବର କ୍ରୀଡ଼ା ସମ୍ପାଦକ ଭାବେ ଦୀର୍ଘଦିନ ଧରି ଦାୟିତ୍ୱ ତୁଲାଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୫ ବନ୍ଧୁକ, ୩୦ ଗୁଳି ଜବତ: ୬ ଗିରଫ

## ଡକାୟତି ଯୋଜନା

**କଟକ ଅଫିସ, ୧୦।୬**

ଡକାୟତି ଯୋଜନାବେଳେ ମଙ୍ଗଳାବାଗ ପୋଲିସ ୬ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ଇଚ୍ଛାପୁର ଗ୍ରାମର ବିଶ୍ୱଜିତ୍ ଦାସ, କଟକ ସଦର ଥାନା ଦଧିବାମନପୁର ଅଞ୍ଚଳର ସଞ୍ଜୟ ସାମଲ, ଭଦ୍ରକ ଜିଲା ଦୋହରାପାଟଣା ଅଞ୍ଚଳର ବୁଟୁ ନାୟକ, ଜଗତ୍ପୁର ଥାନା ମଙ୍ଗଳାସାହି ଅଞ୍ଚଳର ପ୍ରଶାନ୍ତ ବାରିକ, ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଜଗନ୍ନାଥପୁରର ରାଜେଶ ଖଟୁଆ ଓ ନିଆଳି ଥାନା କସର୍ଦ୍ଦା ଅଞ୍ଚଳର ଶୁଭଦର୍ଶନ ଦାସ। ସେମାନଙ୍କଠାରୁ ୫ଟି ବନ୍ଧୁକ, ୩୦ ଗୁଳି, ୬ ମୋବାଇଲ ଫୋନ୍ ଓ ଦୁଇଟି ବାଇକ୍ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୫୧/୨୧) ରୁଜୁ ହୋଇଛି। ଡିସିପି ପ୍ରତୀକ୍ ସିଂଙ୍କ ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ମହାନଦୀକୂଳ ହାଡିଆପଠାରେ ଅଭିଯୁକ୍ତମାନେ ଡକାୟତି ପାଇଁ ଯୋଜନା କରୁଥିବା ମଙ୍ଗଳାବାଗ ଥାନା ଅଧିକାରୀ ଖବର ପାଇଥିଲେ। ତୁରନ୍ତ ସେଠାରେ ପୋଲିସ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନେ ହାଉଡା ମୋଟର ପେଟ୍ରୋଲ ପମ୍ପରେ ଡକାୟତି ପାଇଁ ଯୋଜନା କରୁଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଥିଲା। ବିଭିନ୍ନ ସମୟରେ କେନ୍ଦ୍ରାପଡା, ଯାଜପୁର, ବାଲେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଜଗତ୍‌ସିଂହପୁର, ବ୍ରହ୍ମପୁର, ଗଞ୍ଜାମ ଓ କଟକ ଗ୍ରାମାଞ୍ଚଳରେ ଡକାୟତି, ଲୁଟ୍, ଚୋରି ମାମଲାରେ ସେମାନଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି।





ଜବତ ବନ୍ଧୁକ, ଗୁଳି, ମୋବାଇଲ୍ ଫୋନ୍ ଓ ବାଇକ୍।




ଅନ୍ତର୍ଜାତୀୟ ଲେଭଲ କ୍ରସିଂ ସଚେତନତା ଦିବସ ଅବସରରେ ଗୁରୁବାର ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପକ୍ଷରୁ ସଚେତନ କରାଯାଉଛି।

## ଅନ୍ତର୍ଜାତୀୟ ଲେଭଲ କ୍ରସିଂ ସଚେତନତା ଦିବସ ପାଳିତ

**ଜଟଣୀ,୧୦।୬(ଡି.ଏନ୍.ଏ.)**

ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ଅନ୍ତର୍ଜାତୀୟ ରେଳ ଲେଭଲ କ୍ରସିଂ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରେଳମଣ୍ଡଳ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ରେଳଫାଟକ ତଥା ଲେଭଲ କ୍ରସିଂଠାରେ ସୁରକ୍ଷାକୁ ନେଇ ଏହି ଦିବସ ବିଶ୍ୱବ୍ୟାପୀ ପାଳିତ ହେଉଛି। ଖୋର୍ଦ୍ଧାରୋଡ (ଜଟଣୀ) ମଣ୍ଡଳ ପକ୍ଷରୁ ପଥପ୍ରାନ୍ତ ନାଟକ, ଶୋଭାଯାତ୍ରା, ସାମୂହିକ କାଉନସେଲିଂ ସହିତ ବିଭିନ୍ନ ସୁରକ୍ଷା ବାର୍ତ୍ତା ଥିବା ଲିଫ୍‌ଲେଟ୍ ରେଳ ଟ୍ରାକ୍ ନିକଟରେ ବସବାସ କରୁଥିବା ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧାରୋଡ୍ ଠାରୁ ତାପଙ୍ଗ ସେକ୍ସନ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବିଭିନ୍ନ ପୋଷ୍ଟର ଲଗାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମ ପ୍ରିନ୍ସିପାଲ ଚିଫ୍ ସେଫ୍ଟି ଅଫିସର ହେମନ୍ତ କୁମାର ଦତ୍ତ, ବରିଷ୍ଠ ମଣ୍ଡଳ ସେଫ୍ଟି ଅଫିସର ଗଣେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳିତ ହୋଇଥିଲା। ମଣ୍ଡଳର ବିଭିନ୍ନ ପଦାଧିକାରୀଙ୍କ ସମେତ ଡେପୁଟି ଚିଫ୍ ସେଫ୍ଟି ଅଫିସର ଏସ୍.ସି.ନାୟକ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଟିକାକେନ୍ଦ୍ରରେ ପାତରଅନ୍ତର

**ଖୋର୍ଦ୍ଧା ଅଫିସ,୧୦।୬**

- ଜନ ଅସନ୍ତୋଷ ସତ୍ତ୍ୱେ ପ୍ରଶାସନ ନୀରବ
- ଜିଲାପାଳଙ୍କୁ ଜଣାଇବି: ଜଟଣୀ ବିଧାୟକ

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସଂକ୍ରମଣ ବଢୁଥିବାବେଳେ ଟିକାକରଣ ହାର କ୍ରମାଗତ ଭାବେ କମିବାରେ ଲାଗିଛି। ଗୋଟିଏ ପଟେ ସରକାର ଟିକାକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଅନ୍ୟପଟେ ଟିକା ଅଭାବ ଏବଂ ଜିଲା ପ୍ରଶାସନର ଅବହେଳାରୁ ଲୋକେ ନିରାଶ ହୋଇ ଫେରୁଛନ୍ତି। ଖୋର୍ଦ୍ଧା ଗ୍ରାମାଞ୍ଚଳର ୧୦ ବ୍ଲକ, ୨ ପୌରାଞ୍ଚଳ ଓ ୨ ଏନ୍ଏସିରେ ଟିକାଦାନ ଲାଗି ୩୫ଟି କେନ୍ଦ୍ର କରାଯାଇଛି। ଦୈନିକ ଜିଲାରେ (ଭୁବନେଶ୍ୱର ବ୍ୟତୀତ) ୪୬୨୭ ଟିକାକରଣ ଲକ୍ଷ୍ୟ ଥିବାବେଳେ ଏହା ନୈରାଶ୍ୟଜନକ ରହିଛି। ଖୋର୍ଦ୍ଧା ସବ୍‌ଡିଭିଜନରେ ଦୈନିକ ୧୬୦୦ ଟିକାଦାନ ବ୍ୟବସ୍ଥା ହୋଇଛି। ଏନେଇ ଉପଜିଲାପାଳ ଟୁଇଟ କରି ଟିକାକେନ୍ଦ୍ର ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ନମ୍ବର ଜାରି କରୁଛନ୍ତି। ସକାଳ ୮ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କେନ୍ଦ୍ର ଖୋଲାରହୁଛି। ତେବେ ଟିକାଦାନ ହାର କମିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେତେକ କେନ୍ଦ୍ରରେ ପାତରଅନ୍ତର ଚାଲିଛି। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀମାନଙ୍କ ପରିବାରବର୍ଗ ଓ ସମ୍ପର୍କୀୟଙ୍କୁ ପ୍ରଥମେ ଟିକା ଦିଆଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏଥିଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାସତ୍ତ୍ୱେ ପ୍ରଶାସନ ଚୁପ୍ ବସିଛି। ସୂଚନାଯୋଗ୍ୟ, ଗତ ମେ ୨୮ରୁ ଜୁନ ୧ ପର୍ଯ୍ୟନ୍ତ ଖୋର୍ଦ୍ଧା ସହରରେ ୧୮ରୁ ୪୪ ବର୍ଷର ବ୍ୟକ୍ତିଙ୍କୁ ଟିକାକରଣ ଲାଗି ୯ଟି କେନ୍ଦ୍ର ଖୋଲିଥିଲା। ସରକାରଙ୍କ ନିୟମ ଥିଲା, କେବଳ ଅନଲାଇନ ବୁକିଂ କରିଥିବା ବ୍ୟକ୍ତିଙ୍କୁ ଟିକା ଦିଆଯିବ। ଏ ନେଇ ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସ୍ଥାନୀୟ ବାସିନ୍ଦା ସେହି କେନ୍ଦ୍ର ଆଗରେ ସକାଳୁ ଧାଡ଼ି ଲଗାଇଥିଲେ। ତେବେ ଗୋଟିଏ ନିର୍ଦ୍ଦିଷ୍ଟ ଦଳର କର୍ମୀଙ୍କ ଇଙ୍ଗିତରେ ଟିକାଦାନ ହୋଇଥିଲା ବୋଲି କେତେଜଣ ଲୋକ ଅଭିଯୋଗ ଆଣିଥିଲେ ମଧ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ତେବେ ଏ ସଂକ୍ରାନ୍ତରେ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିନାହିଁ। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଏଭଳି କାର୍ଯ୍ୟ ନିନ୍ଦନୀୟ। ଆଗକୁ ଏହାକୁ ପ୍ରଶ୍ରୟ ଦିଆଯିବ ନାହିଁ। ଟିକାକରଣରେ ସ୍ୱଚ୍ଛତା ଓ ନିରପେକ୍ଷତା ରହିବା ଜରୁରୀ। ଏ ନେଇ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ।

## କରୋନା ଆକ୍ରାନ୍ତ କିରାଣିଙ୍କ ମୃତ୍ୟୁ

**ଅସ୍ତରଙ୍ଗ,୧୦।୬(ଡି.ଏନ୍.ଏ.)**

କରୋନାରେ ଆକ୍ରାନ୍ତ ଥିବା ଅସ୍ତରଙ୍ଗ ଆର୍ତ୍ତତ୍ରାଣ ବିଦ୍ୟାପୀଠର କିରାଣି ବସନ୍ତ ବେହେରାଙ୍କ ବୁଧବାର ଅପରାହ୍ନରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କୁ ୫୧ବର୍ଷ ହୋଇଥିଲା। ସତ୍ୟନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରାତନ ଛାତ୍ର ତଥା ଅସ୍ତରଙ୍ଗ ମେଡିକାଲ ଇନଚାର୍ଜ ଡା.ସଞ୍ଜୟ ପ୍ରଧାନ, ବ୍ଲକ ଶିକ୍ଷାଧିକାରୀ ସର୍ବେଶ୍ୱର ମଲ୍ଲିକ, ଶିକ୍ଷକ ରବୀନ୍ଦ୍ର ପରିଡା, ଆଶିଷ ପଳାଉରି, ପିଙ୍କିରାଣୀ ଛାଟୋଇ, ସୁଦର୍ଶନ କାଣ୍ଡି, ନିରଞ୍ଜନ ମହାନ୍ତି, ସୁଦର୍ଶନ କାଣ୍ଡି, କିଶୋର ଛାଟୋଇ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଅଣ୍ଡା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଲୁଟ୍ ଘଟଣାରେ ୩ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୧୦।୬(ଡି.ଏନ୍.ଏ.)**

**ବାଇକ୍, ଟଙ୍କା ଓ ମୋବାଇଲ ଫୋନ ଜବତ**

ଅଣ୍ଡା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଲୁଟ୍ ଘଟଣାରେ ଗୁରୁବାର ଟାଙ୍ଗୀ ପୋଲିସ ୩ଜଣ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ରଣପୁରର ସେକ୍ ଇମରାନ, ଖୋର୍ଦ୍ଧାର ମହମ୍ମଦ ସବିର ଓ ଜଟଣୀର ସେକ୍ ସାନୁଆର। ଏମାନଙ୍କ ନିକଟରୁ ଗୋଟିଏ ବାଇକ୍, ୩ ମୋବାଇଲ ଫୋନ ଓ ୧୨୦୦ଟଙ୍କା ଜବତ ହୋଇଛି। ସୂଚନାଥାଉ କି, ଟାଙ୍ଗୀ ଥାନା ଅଧୀନ ଉଗ୍ରତାରା ଛକ ଜାତୀୟ ରାଜପଥରେ ଯାଉଥିବା ଏକ ଅଣ୍ଡା ବୋଝେଇ ପିକ୍‌ଅପ (ଓଡି୧ଏସି୧୭୭୨) ଭ୍ୟାନ୍‌କୁ ଗତ ୪ତାରିଖରେ ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ଅଣ୍ଡା ବ୍ୟବସାୟୀ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ବଲ୍ଲଭ ସାହୁ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୧୮୩/୨୧)ରୁଜୁକରି ତଦନ୍ତ ଚଳାଇଥିଲା। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଆଇଆଇସି ବିଜୟ କୁମାର ମଲ୍ଲିକ, ଭୂଷଣ୍ଡପୁର ଫାଣ୍ଡି ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଧରିଥିଲେ। ତେବେ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଭୁ



@ ଗୌରବ



@ ବିଜୟଲକ୍ଷ୍ମୀ



@ ପ୍ରିୟଙ୍କା



@ ଆଲୋକ



@ ଜ୍ୟୋତିଶଙ୍କର



@ ସର୍ଫରାଜ



ଜଟଣୀ ଲୋକୋକଲୋନୀର କିନ୍ନରମାନେ ଗୁରୁବାର ସାବିତ୍ରୀ ବ୍ରତ ପାଳନ କରିବାକୁ ଯାଉଛନ୍ତି।

## ବାଲିହରଚଣ୍ଡୀ ପୀଠକୁ ଆସିଲା ସାବିତ୍ରୀ ଭାର

**ବ୍ରହ୍ମଗିରି,୧୦।୬(ଡି.ଏନ୍.ଏ.)**

ଓଡ଼ିଆ ଘରର ପରମ୍ପରା ଅନୁଯାୟୀ ସ୍ୱାମୀର ଦୀର୍ଘ କାମନା କରି ସ୍ତ୍ରୀମାନେ ସାବିତ୍ରୀ ବ୍ରତ କରିଥାନ୍ତି। ଏହି ବ୍ରତ ପାଇଁ ବାପଘରୁ ଭାର ଆସିଥାଏ। ବ୍ରହ୍ମଗିରିସ୍ଥିତ ମା' ବାଲିହରଚଣ୍ଡୀଙ୍କ ପୀଠରେ ମା'ଙ୍କ ସାବିତ୍ରୀ ବ୍ରତ ପାଇଁ ବାପଘରୁ ଗୁରୁବାର ସାବିତ୍ରୀ ଭାର ଆସିଥିଲା। ବ୍ରହ୍ମଗିରିର ପାଞ୍ଚପଡା ଅର୍ଥାତ ଧରଣିକୁଦୀ, ମାତଲାପୁର, କ୍ଷେତାଣ୍ଡି, କୁଅପଦା ଓ ନହରବାଲି ବାପଘର ଭୂମିକା ତୁଲାଇଛନ୍ତି। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଏହି ପାଞ୍ଚପଡ଼ାର ମୁରବୀମାନେ ଗୁରୁବାର ଶାଢି, ଶଙ୍ଖା, ସିନ୍ଦୂର, ଅଳତା ସହ ଆମ୍ବ, ପଣସ, ତାଳ, ନଡିଆ, ମୁଗ, ପାଚିଲା କଦଳୀ ଆଦି ବିଭିନ୍ନ ସାମଗ୍ରୀ ନେଇ ମା'ଙ୍କ ପୀଠକୁ ଆସିଥିଲେ। ସେଠାରେ ରୀତିନୀତି ଅନୁଯାୟୀ ସମର୍ପଣ କରାଯାଇ ପୂଜାର୍ଚ୍ଚନା ହୋଇଥିଲା।

# ଗ୍ରାମାଞ୍ଚଳରେ ପୁଣି ସଂକ୍ରମଣ ବଢ଼ିଲା

**ଖୋର୍ଦ୍ଧା ଅଫିସ,୧୦।୬**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଗତ ସପ୍ତାହକ ମଧ୍ୟରେ କରୋନା ସଂକ୍ରମଣ ଅପେକ୍ଷା ସୁସ୍ଥ ହାର ଅଧିକ ରହିଥିଲା। ଏବେ ପୁଣି ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇ ୪ଶହ ଉପରେ ରହିଛି। ବୁଧବାର ୭୩ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଗୁରୁବାର ୪୪୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୨୯୨ ଆରୋଗ୍ୟ ଲାଭ କରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତାରୁ ୭୦, ବାଲିପାଟଣାରୁ ୩୬, ଭୁବନେଶ୍ୱରରୁ ୩୮, ଜଟଣୀରୁ ୨୯, ଖୋର୍ଦ୍ଧାରୁ ୭୦, ବେଗୁନିଆରୁ ୬୩, ବୋଲଗଡ଼ରୁ ୪୩, ଟାଙ୍ଗୀରୁ ୫୭, ଚିଲିକାରୁ ୨୩ ଓ ବାଣପୁରରୁ ୧୭ଜଣ ରହିଛନ୍ତି। ଜିଲା ପ୍ରଶାସନ ରିପୋର୍ଟ ଅନୁସାରେ ଗୁରୁବାର ସୁଦ୍ଧା ୩୬୩୯୫୮ ନମୁନା ମଧ୍ୟରୁ ୨୩୪୦୨ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୧୯୫୫ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଦ୍ୱିତୀୟ ଲହରରେ ୧୦ଜଣଙ୍କୁ ମିଶାଇ କୋଭିଡ୍‌ରେ ୬୯ଜଣଙ୍କ ମୃତ୍ୟୁ ଘଟିଛି। ୧୩୭୮ ସକ୍ରିୟ ସଂକ୍ରମିତ ରହିଛନ୍ତି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ବର୍ତ୍ତମାନ ସୁଦ୍ଧା ୨୧୪୯୯୮ ଜଣଙ୍କୁ ଟିକା ଦିଆଯାଇଛି। ଗୁରୁବାର ୩ଟି କେନ୍ଦ୍ରରେ ୨୫୨ଜଣ ଟିକା ନେଇଛନ୍ତି।

### କୋଭିଡ୍ ନେଲାଣି ୧୧ ଜୀବନ

କରୋନା ଦ୍ୱିତୀୟ ଲହରରେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୭୭୩୪୦ ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ୯୪୫୦ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୮୨୧୫ ଜଣ ସୁସ୍ଥ ହୋଇଛନ୍ତି। ୧୨୨୪ ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ମୋଟ ୧୧ଜଣଙ୍କ ମୃତ୍ୟୁ ଘଟିଛି। ୧୪୨ କୋଭିଡ୍ ଯୋଦ୍ଧା ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨୦ଜଣ ସୁସ୍ଥ, ୨୦ ଜଣ ସକ୍ରିୟ ଓ ୨ଜଣଙ୍କ ମୃତ୍ୟୁ ଘଟିଥିବା ଖୋର୍ଦ୍ଧା ଜିଲା ପ୍ରଶାସନ ରିପୋର୍ଟରୁ ଜଣାପଡ଼ିଛି।

### ସପ୍ତାହକରେ ୧୨୫୧୨ ଆକ୍ରାନ୍ତ

ଗତ ୩ରୁ ୯ତାରିଖ ପର୍ଯ୍ୟନ୍ତ ସପ୍ତାହକ ମଧ୍ୟରେ ୧୨୫୧ ଆକ୍ରାନ୍ତ ହୋଇଛନ୍ତି। ୩ତାରିଖରେ ୨୭୭, ୪ରେ ୧୨୧, ୫ରେ ୩୫୨, ୬ରେ ୧୮୧, ୭ରେ ୫୦, ୮ରେ ୧୯୭ ଓ ୯ ତାରିଖରେ ୭୩ ଜଣ ସଂକ୍ରମିତ ହୋଇଥିଲେ। ଭୁବନେଶ୍ୱର ବ୍ଲକରୁ ୧୪୯, ବାଲିଅନ୍ତାରୁ ୧୩୩, ବାଲିପାଟଣାରୁ ୮୯, ଜଟଣୀରୁ ୧୬୧, ବେଗୁନିଆରୁ ୧୧୬, ବୋଲଗଡ଼ରୁ ୧୦୭, ଟାଙ୍ଗୀରୁ ୧୩୪, ଚିଲିକାରୁ ୬୯ ଏବଂ ବାଣପୁରରୁ ୭୨, ଖୋର୍ଦ୍ଧା ବ୍ଲକରୁ ୨୨୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋଭିଡ ରୋଗୀଙ୍କ ଚିକିତ୍ସା ଲାଗି ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ଉପଲବ୍ଧ ରହିଛି।

### ୨୩,୨୬,୧୮୦ ଟଙ୍କା ଜରିମାନା ଆଦାୟ

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ବୁଧବାର ସୁଦ୍ଧା ମୋଟ ୨୩,୨୬,୧୮୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଭୁବନେଶ୍ୱର ବ୍ଲକରୁ ୧୫୧୨୫୦, ବାଲିଅନ୍ତା ୧୬୭୦୦, ବାଲିପାଟଣା ୬୪୯୬୦, ଜଟଣୀ ୧୨୬୬୭୦, ବେଗୁନିଆ ୧୫୯୧୦୦, ବୋଲଗଡ଼ ୯୬୧୬୦, ଟାଙ୍ଗୀ ୧୯୫୫୫୦, ଚିଲିକା ୧୬୮୭୫୦, ବାଣପୁର ୨୦୪୯୧୦ ଓ ଖୋର୍ଦ୍ଧାରୁ ୭୬୪୬୪୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ଜଟଣୀ ପୌରାଞ୍ଚଳରୁ ୬୨୧୦୦, ଖୋର୍ଦ୍ଧା ପୌରାଞ୍ଚଳରୁ ୭୫୬୪୦, ବାଲୁଗାଁ ଏନ୍ଏସିରୁ ୧୦୮୬୦୦ ଏବଂ ବାଣପୁର ଏନ୍ଏସିରୁ ୧୩୧୧୫ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ୨୬୦ ଗାଁ ମାଇକ୍ରୋ କଣ୍ଟେନମେଣ୍ଟ

୧୦ ବ୍ଲକର ୨୬୦ ଗାଁକୁ ମାଇକ୍ରୋ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି। ସେଥିରୁ ୬୨ ଗାଁରେ ଏହା ବଳବତ୍ତର ରହିଥିବା ବେଳେ ୩୨୨ ଗ୍ରାମରେ ଅବଧି ସରିଛି। ଖୋର୍ଦ୍ଧା ଓ ଜଟଣୀ ପୌରାଞ୍ଚଳ, ବାଲୁଗାଁ ଓ ବାଣପୁର ଏନ୍ଏସିର ୫୦ଟି ୱାର୍ଡକୁ ମାଇକ୍ରୋ କଣ୍ଟେନମେଣ୍ଟ ଘୋଷଣା କରାଯାଇଥିଲା।

### ୧୦୨୪ ଗାଁ ଗ୍ରୀନ୍ ଓ ୩୫୦ ରେଡ୍ ଜୋନ

ଖୋର୍ଦ୍ଧା ଜିଲାର ୧୦୨୪ ଗାଁ ସବୁଜ ଓ ୩୫୦ ଗାଁ ରେଡ୍ ଜୋନରେ ରହିଛି। ଗ୍ରୀନ ଜୋନ ୭୪.୫୩ ପ୍ରତିଶତ ଓ ରେଡ୍ ଜୋନରେ ୨୫.୪୭ ପ୍ରତିଶତ ରହିଛି।